# କଣ ଆପଣଙ୍କ ବୀମା କମ୍ପାନୀ ଆପଣଙ୍କ କଥା ଶୁଣୁଛି?



ଯଦି ଆପଣଙ୍କ ବୀମା କମ୍ପାନୀ ଆପଣଙ୍କ
ଅଭିଯୋଗର ସମାଧାନ କରୁନାହିଁ
ତେବେ ସମ୍ପର୍କ କରନ୍ତୁ।

**ଆଇଆର୍‌ଡିଏ ଗ୍ରୀଏଭାନ୍‌ସ କଲ୍ ସେଣ୍ଟର:**
**ଟୋଲ୍ ଫ୍ରୀ ନଂ.: 155255**

ଏବଂ ଆପଣଙ୍କ ଅଭିଯୋଗ ଦାଖଲ କରନ୍ତୁ ଓ ତାଙ୍କ ସ୍ଥିତିର ଅନୁସନ୍ଧାନ କରନ୍ତୁ
ବା ଆପଣ ଲଗ୍ ଅନ୍ କରନ୍ତୁ complaints@irda.gov.in

A public awareness initiative by
ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ
INSURANCE REGULATORY AND DEVELOPMENT AUTHORITY
*Promoting insurance. Protecting insured.*
www.irda.gov.in

ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ
INSURANCE REGULATORY AND DEVELOPMENT AUTHORITY

Bima Bemisaal



# ସମ୍ପତ୍ତି ବୀମା ଉପରିସ୍ଥ ପୁସ୍ତିକା

## ବିଷୟ ସୂଚୀ


| | |
|---|---|
| 1. ଏହି ପୁସ୍ତିକା ବିଷୟରେ | 1 |
| 2. ସମ୍ପତ୍ତି ବୀମା ଉପରିସ୍ଥ | 2 |
| 3. ସର୍ବଦା ପଚରାଯାଉଥିବା ପ୍ରଶ୍ନ | 9 |
| 4. ପଲିସୀଧାରକଙ୍କୁ ସେବା ଦେବାର ଟିଏଟି | 18 |
| 5. ଯଦି ଆପଣଙ୍କର କୌଣସି ଅଭିଯୋଗ ରହିଛି | 19 |


## 1. ଏହି ପୁସ୍ତିକା ବିଷୟରେ

ଏହି ପୁସ୍ତିକ ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏ) ଦ୍ୱାରା **ସମ୍ପତ୍ତି ବୀମା** ଉପରେ ଏକ ମାର୍ଗ ଦର୍ଶିକା ରୂପେ ପ୍ରସ୍ତୁତ କରାଯାଇଛି ଏବଂ ଏହା କେବଳ ସାଧାରଣ ସୂଚନା ପ୍ରଦାନ କରିଥାଏ। ଏଠାରେ ଦିଆଯାଇଥିବା କୌଣସି ବି ସୂଚନା ସମ୍ବନ୍ଧିତ ଆଇନ୍, ନିୟମ ବା ବିନିୟମ ପ୍ରାବଧାନର ସ୍ଥାନ ନେଇ ନଥାଏ ବା ପ୍ରାଧାନ୍ୟ ବାଜାଇ ରଖି ନଥାଏ।

ପଲିସୀ ବିଷୟରେ ବିଶିଷ୍ଟ ସୂଚନା ପାଇଁ ବା କୌଣସି ଅନ୍ୟ ଅତିରିକ୍ତ ସୂଚନା ପାଇଁ ଦୟାକରି କୌଣସି ଲାଇସେନ୍ସଧାରୀ ଏଜେଣ୍ଟ ବା ବ୍ରୋକର ବା ଆଇଆର୍‌ଡିଏ ସହିତ ପଞ୍ଜିକୃତ କୌଣସି ବୀମା କମ୍ପାନୀ ସହିତ ସମ୍ପର୍କ କରନ୍ତୁ।

## 2. ସମ୍ପତ୍ତି ବୀମା

ସମ୍ପତ୍ତି ଅନ୍ତର୍ଗତ ବୀମା କୋଠା, ମେସିନାରୀ, ଷ୍ଟକ୍ସ ଇଥ୍ୟାଦିର ଅଗ୍ନି ବା ସମ୍ବନ୍ଧିତ ବିପଦ ତଥା ଲୁଟ୍ ରିସ୍କ ଆଦିକୁ ବୀମିତ କରାଯାଇଥାଏ ସମୁଦ୍ର, ବାୟୁ, ରେଲୱେ, ରୋଡ୍ ତଥା କୋରିୟର ଜରିଆରେ ଜିନିଷପତ୍ର ପରିବହନକୁ ମେରିନ କାର୍ଗୋ ବୀମା ଅଧୀନରେ ବୀମିତ କରାଯାଇଥାଏ। ଶିପ୍ ହଲ୍ସ ତଥା ବୋଟ୍ ମେରିନ୍ ହଲ୍ ବୀମା ଅଧୀନରେ ବୀମିତ କରାଯାଇପାରେ। ଏହା ବ୍ୟତୀତ ବିମାନ ଏବଂ ହେଲିକାପ୍ଟର୍ସ ବୀମା କରିବା ପାଇଁ ଏଭିଏସନ୍ (ଉଡାଣ) ବୀମା ପରି ବିଶେଷ ପଲିସୀ ଉପଲବ୍ଧ ଅଟେ। ଏହି ପ୍ରକାର ସମ୍ପତ୍ତି ବୀମା ସାଧାରଣ ବୀମାର ଅତ୍ୟନ୍ତ ବ୍ୟାପକ ଶ୍ରେଣୀ ଅଟେ ଏବଂ ଆପଣଙ୍କୁ ଯେଉଁ ପ୍ରକାର କଭର ଆବଶ୍ୟକ ହୋଇଥାଏ ସେହି କଭର କରାଯିବାକୁ ଥିବା ଆପଣଙ୍କ ସମ୍ପତ୍ତିର ପ୍ରକାର ଉପରେ ଏହା ନିର୍ଭର କରିଥାଏ।

- **ପ୍ୟାକେଜ୍ ବା ଅମ୍ବ୍ରେଲା ପଲିସୀ**

ଉପଲବ୍ଧ ପ୍ୟାକେଜ୍ ବା ଅମ୍ବ୍ରେଲା କଭର୍ସରେ ଏକକ ଦସ୍ତାବିଜ୍ ଅନ୍ତର୍ଗତ ବିଭିନ୍ନ କଭର୍‌ର ମିଶ୍ରଣ ହୋଇଥାଏ। ଉଦାହରଣ ସ୍ୱରୂପଃ ପଲିସୀ ଅନ୍ତର୍ଗତ ହାଉସ୍‌ହୋଲ୍ଡର୍ସ ପଲିସୀ, ଶପକିପର୍‌ସ ପଲିସୀ, ଅଫିସ୍ ପ୍ୟାକେଜ୍ ପଲିସୀରେ ବିଲ୍ଡିଂ, ସମାଗ୍ରୀ ସହିତ ବିଭିନ୍ନ ଭୌତିକ ସମ୍ପତ୍ତିକ କଭର। ସମ୍ପତ୍ତି କଭର କରିବା ବ୍ୟତୀତ ଏପରି ପଲିସୀ କେତେକ ବ୍ୟକ୍ତିଗତ ଲାଇନ୍‌ସ ବା ଦେୟତାକୁ କଭର କରିଥାଏ। ସୁନିଶ୍ଚିତ ହୁଅନ୍ତି କି ଆପଣ କଭର୍‌ର ସମ୍ପୂର୍ଣ୍ଣ ବିବରଣୀ ଏବଂ ପଲିସୀରେ ନିହିତ ଅପବାଦକୁ



ବୁଝିଛନ୍ତି ଯାହା ଉପରେ ଆପଣ ବିଚାର କରୁଛନ୍ତି । ପ୍ୟାକେଜ୍ ବା ଅମ୍ବ୍ରେଲା କଭର୍ସରେ ସମସ୍ତ ବିଭାଗ ପାଇଁ ନିୟମ ଓ ସର୍ତ୍ତ ସାଧାରଣ ହୋଇପାରେ ଏବଂ ଏଥି ସହିତ ପଲିସୀର ବିଶିଷ୍ଟ ଅଂଶ ପାଇଁ ବିଶେଷ ସର୍ତ୍ତ ମଧ୍ୟ ହୋଇପାରେ।

- **ଅଗ୍ନି (ଫାୟାର) ବୀମା**

ସବୁଠାରୁ ଲୋକପ୍ରିୟ ସମ୍ପତ୍ତି ବୀମା ମାନକ ଅଗ୍ନି ବୀମା ପଲିସୀ। ଅଗ୍ନି ବୀମା ପଲିସୀ ସମ୍ପତ୍ତିକୁ ଅଗ୍ନି ବା ପଲିସୀ ଅନ୍ତର୍ଗତ ସମାହିତ ଅନ୍ୟ ବିପଦଜନିତ କୌଣସି ଅପ୍ରତ୍ୟାଶିତ କ୍ଷତି/ବିନାଶ ପ୍ରତି ସୁରକ୍ଷା ପ୍ରଦାନ କରିଥାଏ। ଅଗ୍ନି ବୀମା ପଲିସୀ ଅନ୍ତର୍ଗତ କଭର ହେଉଥିବା ସମ୍ପତ୍ତି ମଧ୍ୟରେ ଆବାସ କାର୍ଯ୍ୟାଳୟ, ଦୋକାନ, ହସ୍ପିଟାଲ, ପ୍ରାର୍ଥନା ସ୍ଥଳ ଇତ୍ୟାଦି ଏବଂ ସେଥିରେ ନିହିତ ଜିନିଷପତ୍ର ଉଦ୍ୟୋଗିକ/ଉତ୍ପାଦନ ଅସୁବିଧା ଯେପରି ମେସିନାରୀ, ପ୍ଲାଣ୍ଟ, ଇକ୍ୱୀପମେଣ୍ଟ ତଥା ଆସେସରିଜ୍ କଞ୍ଚା ବା ପ୍ରସ୍ତୁତ ମାଲ, ପ୍ରକ୍ରିୟାରେ ବ୍ୟବହୃତ ଜିନିଷ ଅର୍ଦ୍ଧ ପ୍ରସ୍ତୁତ ମାଲ, ପ୍ୟାକିଂ ଜିନିଷ ଯାହା ଫ୍ୟାକ୍ଟ୍ରୀ ଗୋଦାମ ବା ଖୋଲାରେ ରହିଥାଏ ତଥା ଉପଯୋଗୀ ଉଦ୍ୟୋଗିକ/ଉତ୍ପାଦନ ବିପଦ ବାହାରେ ରହିଥାଏ, ଭଣ୍ଡାରଣ ବିପଦ ଯାହା ଉଦ୍ୟୋଗିକ ବିପଦ ପରିସର ବାହାରେ ରହିଥାଏ, ଟ୍ୟାଙ୍କ୍ ଫାର୍ମ/ଗ୍ୟାସ୍ ଟାଙ୍କି ଉଦ୍ୟୋଗିକ ବିପଦ ପରିସର ବାହାରେ ରହିଥାଏ।

**ଫାୟର ପଲିସୀ କଣ କଭର କରିଥାଏ :**

ଯଦିଓ ଏହାକୁ ଅଗ୍ନି ବୀମା କୁହାଯାଏ କିନ୍ତୁ ଅଗ୍ନି ବିପଦ ବ୍ୟତୀତ ଏହା

ବଜ୍ରପାତ ପଡିବା, ବିସ୍ଫୋଟ, ଏୟାରକ୍ରାଫ୍ଟ ହାନି, ଦଙ୍ଗା, ହଡତାଳ ଏବଂ ବିଦ୍ୱେଷ ପ୍ରଣୋଦିତ କ୍ଷତି, ଚକ୍ରବାତ, ତୋଫାନ୍, ହରିକେନ୍, ବନ୍ୟା ଏବଂ ଜଳ ପ୍ଲାବନ, ଆଘାତଜନିତ ହାନି, ଜମି ଧସିବା ତଥା ଭୂସ୍ଖଳନ ଯେଉଁଥିରେ ଚଟାଣ ଖସିଥାଏ, ପାଣି ଟାଙ୍କି, ସାଧନ ଏବଂ ପାଇପ୍ ଫାଟିବା ଏବଂ/ବା ବହିବା, ମିଶାଇଲ ପରୀକ୍ଷଣ ପ୍ରଚାଳନ, ସ୍ୱୟଂଚାଳିତ ସ୍ପ୍ରିଂକଲର ସଂସ୍ଥାପନରୁ ଲିକେଜ୍ ଦୁର୍ଘଟଣା, ଜଙ୍ଗଲରେ ନିଆଁ ଲାଗିବା ଇତ୍ୟାଦି।

**ଅଗ୍ନି (ଫାୟର) ପଲିସୀରେ କଣ ଅପବାଦ ରହିଛି :**

ଅଗ୍ନି ବୀମା ପଲିସୀ ସାଧାରଣତଃ ପଲିସୀ ଅନ୍ତର୍ଗତ କିଛି ନିଶ୍ଚିତ ରାଶି କଭର କରିନଥାଏ ଯାହା ଏକ୍ସେସ୍ କରୁଥିବା ଯୁଦ୍ଧ ଏବଂ ଯୁଦ୍ଧ ସଦୃଶ କାର୍ଯ୍ୟାନୁଷ୍ଠାନ, ଆଣବିକ ବିପଦ, ପ୍ରଦୂଷଣ ବା ଦୂଷଣ, ବୈଦୁତିକ/ଯାନ୍ତ୍ରିକ ଖରାପ, ଲୁଟ୍ ତଥା ଚୋରୀ କାରଣରୁ ହେଉଥିବା କ୍ଷତିକୁ ସାମିଲ କରିନଥାଏ। ଭୂକମ୍ପ, ସ୍ୱଭାବିକ ନିଆଁ ଲାଗିବା ପରି ବିପଦକୁ ଅତିରିକ୍ତ ପ୍ରିମିୟମ ପରିଶୋଧ ପୂର୍ବକ କଭର କରାଯାଇପାରେ।

ଅଗ୍ନି ବୀମା ପଲିସୀ ଏକ ବର୍ଷ ପାଇଁ ଜାରି କରାଯାଏ ଯେଉଁଥିରେ ଆବାସ ସାମିଲ ହୋଇ ନଥାଏ, ଯେଉଁଥି ପାଇଁ ପଲିସୀ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରୀ କରାଯାଇପାରେ (ଅନ୍ୟୁନ ତିନି ବର୍ଷର ଅବଧି ସହିତ)

- **ଲୁଟ୍ (ବର୍ଗଲାରୀ) ବୀମା**

ଲୁଟ୍ ବୀମା ପଲିସୀ କୌଣସି ବ୍ୟବସାୟୀକ ଉଦ୍ୟମ ବା ଘର ପାଇଁ



ପ୍ରଦାନ କରାଯାଇଥାଏ। ପଲିସୀ ପରିସରରେ ସମାବିଷ୍ଟ ସମ୍ପତ୍ତିକୁ କଭର କରିଥାଏ ଯେଉଁଥିରେ ସାମିଲ ଅଛି ଷ୍ଟକ୍ସ/ମାଲ ବା ଟ୍ରଷ୍ଟରେ ନିହିତ ବସ୍ତୁ ଯଦି ବିଶେଷ ରୂପେ କଭର କରାଯାଇଥାଏ। ଏହା ତାଲାବନ୍ଦ ଆଲମାରୀ ବା ତାଲାବନ୍ଦ କପବୋର୍ଡରେ ରଖାଯାଉଥିବା କ୍ୟାସ୍ ବାକ୍ସରେ ରଖାଯାଇଥିବା କ୍ୟାସ୍, ବହୁମୂଲ୍ୟ ବସ୍ତୁ, ସିକ୍ୟୋରିଟିଜ୍‌କୁ କଭର କରିଥାଏ। ଯଦି ଆପଣ ଏଥିପାଇଁ ବିଶେଷ ରୂପେ ନିବେଦନ କରିଥାନ୍ତି।

ପରିସରରେ ରଖାଯାଇଥିବା ସାମଗ୍ରୀ ପାଇଁ କଭର ପ୍ରଦାନ କରିବା ବ୍ୟତୀତ ଲୁଟ୍ ବୀମା ପଲିସୀ ଲୁଟ୍ ସମୟରେ ବା ଲୁଟ୍ ପ୍ରୟାସ ସମୟରେ ଆପଣଙ୍କ ଘର ବା ପରିସରକୁ ହୋଇଥିବା କ୍ଷତିକୁ କଭର କରିଥାଏ। ପଲିସୀ ବୀମିତ ରାଶି ଅଧୀନ ଲୁଟ୍/ଚୋରୀ କାରଣରୁ ଆପଣଙ୍କ ବୀମିତ ସମ୍ପତ୍ତିକୁ ହୋଇଥିବା ବାସ୍ତବିକ ହାନି/କ୍ଷତି ପାଇଁ ଦେୟ ପ୍ରଦାନ କରିଥାଏ। ଯଦି ବୀମିତ ରାଶି ପର୍ଯ୍ୟାପ୍ତ ନ ହୁଏ ତେବେ ପଲିସୀ ଆନୁପାତିକ ଦେୟ କରିଥାଏ। ଅତଏବ ଆପଣଙ୍କୁ ସୁନିଶ୍ଚିତ କରିବା ଉଚିତ୍ କି ଆପଣ କଭର ହୋଇଥିବା ସମ୍ପତ୍ତିର ମୂଲ୍ୟ ସଠିକ୍ ଅଟେ ଯାହା ଦ୍ୱାରା ଅଣ୍ଡର ଇନସୁରାନ୍ସ ହେବ ନାହିଁ।

ଲୁଟ୍ ବୀମା ପଲିସୀକୁ ମୋଟ୍ ଉପରେ ଦଙ୍ଗା, ହଡତାଳ, ବିଦ୍ୱେଷ ପ୍ରଣୋଦିତ କ୍ଷତି ଏବଂ ଚୋରୀ ପାଇଁ ବିସ୍ତାରିତ କରାଯାଇପାରେ।

**ଲୁଟ୍ ବୀମା ପଲିସୀରେ କଣ ସାମିଲ ହୋଇ ନଥାଏ :**

ସାଧାରଣତଃ ପଲସୀ ଟ୍ରଷ୍ଟ/କମିଶନ୍‌ରେ ରଖାଯାଇଥିବା ମାଲ

ହାନି/ନଷ୍ଟ ପାଇଁ ଦେୟ ପ୍ରଦାନ କରିବ ନାହିଁ ଯେ ପର୍ଯ୍ୟନ୍ତ ବିଶେଷ ରୂପେ କଭର କରାନଯାଇଛି, ଆଭୂଷଣ, ବିଲକ୍ଷଣ ବସ୍ତୁ, ଟାଇଟଲ ଡିଡ୍ସ ବ୍ୟବସାୟୀକ ପୁସ୍ତକ ଯେପର୍ଯ୍ୟନ୍ତ ବିଶେଷ ରୂପେ ବୀମିତ ନ ହୋଇଛି, କୌଣସି ରାଶି ଯାହା ଆଗ/ପ୍ଲେଟ୍ ଗ୍ଲାସ୍ ବୀମା ପଲିସୀ ଅନ୍ତର୍ଗତ ପାଇବା ଯୋଗ୍ୟ ଅଟେ, ଚାବି ବା ନକଲି ଚାବି ବ୍ୟବହାର ପୂର୍ବକ ନିରାପଦରେ ହୋଇଥିବା କ୍ଷତି, ନତୁବା ହିଂସା ବା ଭୟ ଦ୍ୱାରା ହାସଲ ହୋଇଥିବା, ଦୋକାନରେ ଜିନିଷ ଚୋରୀ କାରଣ, ଆପଣ ଆପଣଙ୍କ ପରିବାର ସଦସ୍ୟ/ଆପଣଙ୍କ କର୍ମଚାରୀଙ୍କ ସମାବେଶକାରୀ କାର୍ଯ୍ୟ, ଯୁଦ୍ଧ ରିସ୍କ, ଦଙ୍ଗା ବା ହଡତାଳ କାରଣରୁ (ଅତିରିକ୍ତ ପ୍ରିମିୟମ ଦ୍ୱାରା କଭର) ଦୈବି କାର୍ଯ୍ୟ ଓ ଆଣବିକ ବିପଦ।

- **ସମସ୍ତ ରିସ୍କ ବୀମା (ଅଲ ରିସ୍କ ଇନ୍ସୁରାନ୍ସ)**

  ସମସ୍ତ ରିସ୍କ ବୀମା ସାଧାରଣତ ଆଭୂଷଣ ଏବଂ/ବା ପୋର୍ଟେବଲ୍ ଉପକରଣ ପାଇଁ କଭର ପ୍ରଦାନ କରିଥାଏ। ଏହି କଭର ସାଧାରଣତ ବାଛିକରି ଦିଆଯାଇଥାଏ। ପଲିସୀ ରଚନା କମ୍ପାନୀକୁ କମ୍ପାନୀ ଭିନ୍ନ ହୋଇପାରେ। ଏହା ଧ୍ୟାନ ଦେବା ମହତ୍ୱପୂର୍ଣ୍ଣ ଅଟେ କି ସମସ୍ତ ରିସ୍କ ପଲିସୀ ଅପବାଦରୁ ମୁକ୍ତ ନୁହେଁ। ଏଥିପାଇଁ ସମସ୍ତ ରିସ୍କର ଏହା ଅର୍ଥ ନୁହେଁ କି କୌଣସି ବି ଜିନିଷ ତଥା ସମସ୍ତ ଜିନିଷ କଭର କରାଯାଇଥାଏ।

**ସମସ୍ତ ରିସ୍କ ବୀମାରେ ସାଧାରଣତଃ କଣ ସାମିଲ ନୁହେଁ:**

ଅପବାଦକୁ ଦେଖି ନିଅନ୍ତୁ - ମୋଟ୍ ଉପରେ ପତଙ୍ଗ, କୀଟ, ଫଙ୍ଗ୍, ଘର୍ଷଣ ଓ ଭାଙ୍ଗିବା ବା ମରାମତି, ଡାୟିଂ ବା ବ୍ଲିଚଂ କାରଣରୁ ବା ଧୀରେ ଧୀରେ କାମ କରିବା କାରଣରୁ ଭଙ୍ଗୁର ବସ୍ତୁ ଭାଙ୍ଗିବା/ଖର୍ଚ୍ଚ ବା ଭଙ୍ଗୁର ପଦାର୍ଥ





ଯେପର୍ଯ୍ୟନ୍ତ ତାହା ପରିବହନ ମାଧ୍ୟମର ଦୁର୍ଘଟଣା କାରଣ ନ ହୋଇଥାଏ, ଏବଂ କୌଣସି ମେକାନିକାଲ୍ ବୈଦ୍ୟୁତିକ ବ୍ୟତିକ୍ରମ/ଖରାପ ଯେଉଁଥିରେ ଦୁର୍ଘଟଣାବଶତଃ ବାହାର କାରଣ ସାମିଲ ନ ହୋଇଛି, ଅଧିକ ଉଇଣ୍ଡିଂ, ଡେଣ୍ଟିଂ ବା ଆଭ୍ୟନ୍ତରୀଣ କ୍ଷତି, କାର୍‌ରୁ ଚୋରୀ ପୂର୍ଣ୍ଣତଃ ବନ୍ଦ ସେଲୁନ୍ ବ୍ୟତୀତ, ପରିସ୍ଥିତିଜନ୍ୟ କ୍ଷତି, କୌଣସି ବିଧିକ ଦେୟତା, ଯୁଦ୍ଧ ରିସ୍କ, ଆଣବିକ ବିପଦ, କୌଣସି ସରକାରୀ /ସ୍ଥାନୀୟ ପ୍ରାଧିକରଣ କାର୍ଯ୍ୟାନୁଷ୍ଠାନ ଏବଂ ବୀମିତ କାର୍ଯ୍ୟ କାରଣରୁ କ୍ଷତି ଯେଉଁଥି ପାଇଁ ବିପଦ ବଢିଛି, ଆଦିକୁ ପଲିସୀ ସୀମାରେ ସାମିଲ କରାଯାଏ ନାହିଁ।

ଅତିରିକ୍ତ ପ୍ରିମିୟମ ଦେୟ ପୂର୍ବକ ମେକାନିକାଲ୍ ଏବଂ ବା ବୈଦ୍ୟୁତୀୟ/ଇଲେକଟ୍ରୋନିକ୍ ଖରାପ ପାଇଁ ବିସ୍ତାର ପ୍ରଦାନ କରାଯାଇଥାଏ।

**ମେରିନ୍ କାର୍ଗୋ ଇନସୁରାନ୍ସ**

ମେରିନ୍ କାର୍ଗୋ ଇନସୁରାନ୍ସ ଜଳ, ବାୟୁ, ରାସ୍ତା ବା ରେଳ, ରେଜିଷ୍ଟର୍ଡ ପୋଷ୍ଟ ପାର୍ସଲ, କୋରିୟର ବା ଏଗୁଡିକ ମଧ୍ୟରୁ ଦୁଇଟି ବା ତତୋଧିକର ସମ୍ମିଶ୍ରଣକୁ ବହନ କରିଥାଏ।

**କିଏ ମେରିନ୍ କାର୍ଗୋ ଇନସୁରାନ୍ସ ପଲିସୀ ଗ୍ରହଣ କରିପାରିବେ:**

କ୍ରେତା, ବିକ୍ରେତା, ଆମଦାନୀ/ରପ୍ତାନୀ ବ୍ୟବସାୟୀ, କ୍ରୟକାରୀ ପ୍ରତିନିଧି, କଣ୍ଟ୍ରାକ୍ଟର୍ସ ତଥା ବ୍ୟାଙ୍କ୍ସ ଇତ୍ୟାଦି।

ମେରିନ୍ କାର୍ଗୋ ପଲିସୀ କାର୍ଗୋ (ଜାହଜର ମାଲ) ସୁବିଧାକୁ କଭର

କରିଥାଏ ଏବଂ ଅଧିକନ୍ତୁ ସେଲ୍‌ର ସର୍ତ୍ତାନୁଯାୟୀ ସ୍ଥିରିକୃତ ମାଲିକାନା ଟ୍ରାନ୍ସଫର ଉପରେ ଲାଭ ଅର୍ଜନକାରୀ କୌଣସି ତୃତୀୟପକ୍ଷର ସ୍ୱାର୍ଥକୁ ମଧ୍ୟ ବିସ୍ତୃତ କଭର ପ୍ରଦାନ କରିଥାଏ।

**ମେରିନ୍ କାର୍ଗୋ ଇନସୁରାନ୍ସ କିପରି ସାହାଯ୍ୟ କରିଥାଏ:**

କାର୍ଗୋ ବହନକାରୀ ଭେଇକଲ୍‌ର ଦୁର୍ଘଟଣା ସମେତ ଆଘାତ, ଧକ୍କା ଇତ୍ୟାଦି କାରଣଜନିତ କ୍ଷତି ପରି ବିସ୍ତୃତ ପରିପ୍ରକାଶ କ୍ଷେତ୍ରରେ କାର୍ଗୋ ନଷ୍ଟ ହୋଇପାରେ। ମୂଳ କଭର ବା ବିସ୍ତୃତ କଭର ଚାହାନ୍ତି ଆପଣ ସ୍ଥିର କରନ୍ତୁ। ପଲିସୀ ସର୍ତ୍ତ ଓ ନିୟମାବଳୀ ବୁଝନ୍ତୁ। ଯଦି କୌଣିସି ରିହାତି ଥାଏ ଯାଞ୍ଚ କରନ୍ତୁ।

**ସାଧାରଣତଃ ଯାହା ମେରିନ୍ କାର୍ଗୋ ଇନସୁରାନ୍ସ ପଲିସୀରେ କଣ ବହିର୍ଭୁତ ଅଟେ:**

ସ୍ୱଭାବିକ ଭାଇସ୍, ବିଳମ୍ବ, ପ୍ୟାକିଂ ଅପର୍ଯ୍ୟାପ୍ତତା, କ୍ଷତି ବା ନଷ୍ଟ ହେତୁ ବିତ୍ତୀୟ ବିଫଳତା ବା ଜାହାଜ ମାଲିକଙ୍କର ଦେବାଳିଆ ଅବସ୍ଥା ଇତ୍ୟାଦି କାରଣରୁ କ୍ଷତି ବା ନଷ୍ଟ।

**ଉପଲବ୍ଧ ଅନ୍ୟାନ୍ୟ ପ୍ରକାର ସମ୍ପତ୍ତି କଣ ରହିଛି?**

ଉପଲବ୍ଧ ଅନ୍ୟାନ୍ୟ ସମ୍ପତ୍ତି ବୀମା ମଧ୍ୟରେ ଇଞ୍ଜିନିୟରିଂ ବୀମା ପଲିସୀ ଯେପରି ଇଲେକଟ୍ରୋନିକ ଇକ୍ୱିପମେଣ୍ଟ ଇନସୁରାନ୍ସ, ମେସିନାରୀ ବ୍ରେକଡାଉନ୍ ଇନସୁରାନ୍ସ ଇତ୍ୟାଦି ଉପଲବ୍ଧ ଅଟେ।



## ୩. ସମ୍ପତ୍ତି ବୀମା ଉପରେ ସର୍ବଦା ପଚରାଯାଉଥିବା ପ୍ରଶ୍ନ

**ପ୍ର. ସମ୍ପତ୍ତି ବୀମା ପଲିସୀ କ୍ରୟ ପାଇଁ କଣ ଆବଶ୍ୟକତା ରହିଛି?**

ଉ. ପଲିସୀ ପ୍ରସ୍ତାବକଙ୍କୁ ପଲିସୀ ପାଇଁ ପ୍ରସ୍ତାବିତ କରାଯାଉଥିବା ସମ୍ପତ୍ତିରେ ସର୍ବପ୍ରଥମ ଏବଂ ସର୍ବୋପରି ରୁଚି ରହିବା ଉଚିତ୍, ଅର୍ଥାତ୍ ଏପରି ସମ୍ପତ୍ତି ହାନି ବା ନଷ୍ଟ ହେବାପରେ ତାହାଙ୍କୁ ଆର୍ଥିକ ରୂପେ ନଷ୍ଟହେବାର ସମ୍ଭାବନା ରହିବା ଉଚିତ୍। ଦ୍ୱିତୀୟ କଥା, ପ୍ରସ୍ତାବକଙ୍କୁ ପ୍ରସ୍ତାବ ଫର୍ମ ଜମାକରିବା ଉଚିତ୍ (ଯାହାଦ୍ୱାରା ବୀମାକର୍ତ୍ତାଙ୍କ ୱେବସାଇଟ୍ ବା କାର୍ଯ୍ୟାଳୟରୁ ମିଳି ପାରିବ), ପ୍ରସ୍ତାବ ଫର୍ମରେ ସମସ୍ତ ବିବରଣୀ ରହିବା ଉଚିତ୍ ଯାହା ବୀମିତର ଶ୍ରେଷ୍ଠ ଜ୍ଞାନ ଅନୁସାରେ ସତ୍ୟ ଅଟେ ଏବଂ ଅନ୍ୟ ସୂଚନା ପ୍ରଦାନ କରିବା ଉଚିତ୍ ଯାହା ପ୍ରସ୍ତାବକ ଅନୁସାରେ ସୁସଂଗତ ଅଟେ।

**ପ୍ର. ସମ୍ପତ୍ତି ବୀମା ପଲିସୀରେ କଣ ଭିନ୍ନତା ରହିଛି?**

ଉ. କଣ୍ଟେଟେଡ ଫାୟାର ଏବଂ ଆଲାଏଡ ପେରିଲ୍ସ ପଲିସୀ ସବୁଠାରୁ ଲୋକପ୍ରିୟ ଅଟେ ଯାହା ସମ୍ପତ୍ତି ଉପରେ ହେଉଥିବା ଅଧିକାଂଶ ବିପଦକୁ କଭର କରିଥାଏ ଯେପରି ଅଗ୍ନି, ଦଙ୍ଗା, ବନ୍ୟା ଏବଂ ତୋଫାନ, ଲୁଟ୍ ଏବଂ ଚୋରୀ କାରଣରୁ ମହଜୁତ୍ ସମ୍ପତ୍ତିର କ୍ଷତିକୁ ଲୁଟ୍ ଓ ଚୋରୀ ବୀମା ପଲିସୀ ଅଧୀନରେ କଭର କରାଯାଇ ପାରେ। ବହୁମୂଲ୍ୟ ବସ୍ତୁକୁ ସମସ୍ତ ରିସ୍କ ପଲିସୀ ଅଧୀନରେ କଭର କରାଯାଇପାରେ ଏବଂ ଘର ମାଲିକ ତଥା ଦୋକାନଦାର ପାଇଁ ପ୍ୟାକେଜ୍ ପଲିସୀ ରହିଛି।

ପ୍ର. **ବୀମା ରାଶି କିପରି ନିର୍ଦ୍ଧାରିତ କରାଯାଏ?**

ଉ. ସର୍ବମୋଟ୍ ଦୁଇଟି ଉପାୟ ରହିଛି। ଗୋଟିଏ ହେଉଛି ବଜାର ମୂଲ୍ୟ (ମାର୍କେଟ୍ ଭ୍ୟାଲୁ) ଏବଂ ଅନ୍ୟଟି ପୁନର୍ସ୍ଥାପନ ମୂଲ୍ୟ (ରେଇନଷ୍ଟେଟ୍ ଭ୍ୟାଲୁ)। ଏମ୍. ବି. (ମାର୍କେଟ୍ ଭ୍ୟାଲୁ) ଘଟଣାରେ କ୍ଷତି ହେବା ପରେ ସମ୍ପତ୍ତିର ବର୍ଷକୁ ଆଧାରକରି ମୂଲ୍ୟହ୍ରାସ ଲାଗୁ କରାଯାଇଥାଏ। ଏହି ପ୍ରକ୍ରିୟା ଅଧୀନରେ ବୀମିତକୁ ନୂତନ ସମ୍ପତ୍ତି କ୍ରୟ ପାଇଁ ପର୍ଯ୍ୟାପ୍ତ ରାଶି ପ୍ରଦାନ କରାଯାଇ ନଥାଏ।

ରେଇନଷ୍ଟେଟ୍ ଉପାୟରେ ବୀମା କମ୍ପାନୀ ଦ୍ୱାରା ପୁନର୍ସ୍ଥାପନ ମୂଲ୍ୟ ପରିଶୋଧ କରାଯାଇଥାଏ ଯାହାର ଉଚ୍ଚତମ ସୀମା ରାଶି ରହିଛି। ରେଇନଷ୍ଟେଟମେଣ୍ଟ ଭ୍ୟାଲୁ (ଆର୍‌ଆଇବି) ଉପାୟ ଅଧୀନରେ କୌଣସି ମୂଲ୍ୟହ୍ରାସ ଲଗାଯାଇ ନଥାଏ। ସର୍ତ୍ତ ଏହା ଅଟେ କି କ୍ଷତିଗ୍ରସ୍ତ ସମ୍ପତ୍ତି ଦାବି ପାଇବା ଦୃଷ୍ଟିରେ ମରାମତି/ବଦଳି କରାଯିବା ଉଚିତ୍। ଏହା ଧ୍ୟାନ ଦିଆଯିବା ଉଚିତ୍ କି ଆର୍‌ଆଇବି ପଦ୍ଧତି କେବଳ ସ୍ଥାୟୀ ସମ୍ପତ୍ତି ପାଇଁ ଅନୁମତ ଅଟେ ଷ୍ଟକ୍‌ସ ଏବଂ ପ୍ରକ୍ରିୟାରେ ସାମିଲ ଷ୍ଟକ୍‌ସ ପାଇଁ ନୁହେଁ।

ପ୍ର. **ଫାୟାର ଇନସୁରାନ୍‌ସ ପଲିସୀର ମୂଲ୍ୟ କେତେ ହେବ?**

ଉ. ଫାୟାର ଇନସୁରାନ୍‌ସ ପଲିସୀର ମୂଲ୍ୟ ବା ପ୍ରିମିୟମ ଏହା ଉପରେ ନିର୍ଭର କରିପାରେ।

- କଭର ହେଉଥିବା ରିସ୍କ
- କଭର ହେଉଥିବା ବସ୍ତୁର ମୂଲ୍ୟ



- ବୀମା ପାଇଁ ପ୍ରସ୍ତାବିତ ପରିସରର ଉପଯୋଗ
- ବୀମା ପାଇଁ ପ୍ରସ୍ତାବିତ ପରିସରର ଲୋକେସନ୍ ବିବରଣୀ
- ବିଲ୍ଡିଂ ନିର୍ମାଣ ଏବଂ ଦଖଲ

ଅଣଜୀବନ ବୀମା ବିଭାଗର ଡି-ଟାରିଫିଂର ପରିଣାମସ୍ୱରୂପ (ମୋଟର ତୃତୀୟ ପକ୍ଷ ବୀମାକୁ ଛାଡି ଯେଉଁଠାରେ ପ୍ରିମିୟମ ଦର ଆଇଆର୍‌ଡିଏ ଦ୍ୱାରା ନିର୍ଦ୍ଧାରିତ କରାଯାଏ) ପ୍ରତି ବୀମାକର୍ତ୍ତା ନିଆଯାଉଥିବା ପ୍ରିମିୟମ ଦର ଭିନ୍ନ ହୋଇପାରେ। ତଥାପି ତାହକୁ ଫାଇଲ୍ ଏବଂ ନ୍ୟୁଜ୍ ପ୍ରକ୍ରିୟା ଅନ୍ତର୍ଗତ ଆଇଆର୍‌ଡିଏ ନିକଟରେ ଦାଖଲ କରାଯିବା ଉଚିତ୍।

ପ୍ର. **ଆବାସ ଉପରେ କାର୍ଯ୍ୟାଳୟ ବା ଉଦ୍ୟୋଗର ସମ୍ପତ୍ତି ମୂଲ୍ୟ କିପରି ବାହାର କରାଯାଏ?**

ଉ. ଆବାସ ବ୍ୟତୀତ ଉଦ୍ୟୋଗିକ ୟୁନିଟ୍ ବା କାର୍ଯ୍ୟାଳୟ ସମ୍ପତ୍ତି ମୂଲ୍ୟ ଦର୍ଶାଉଥିବା ଖାତା ହିସାବ ରଖିବେ, ଏଥିପାଇଁ ବୀମିତ ରାଶିର ଗଣନାରେ କୌଣସି ଅସୁବିଧା ହେବ ନାହିଁ। ଆବାସ ମାମଲାରେ ବ୍ୟାପକ ବର୍ଗ ଅନ୍ତର୍ଗତ ସମ୍ପତ୍ତିର ହିସାବ ରଖିବା ଉଚିତ୍ ଯେପରି ଫର୍ଣ୍ଣିଚର ଓ ଫିକ୍ସଚର, କପଡା, ବେଡ ଲିନେନ୍, ରୋଷେଇ ଉପକରଣ, ଇଲେକଟ୍ରୋନିକ୍ ସାଧନ ଇତ୍ୟାଦି ଏବଂ ବୀମିତ ରାଶି ବାହାର କରିବା ଉଚିତ୍।

ପ୍ର. **ମୋତେ ମୋର ବିଲ୍ଡିଂର ବୀମା କାହିଁକି କରିବା ଉଚିତ୍? ନିଆଁରେ ବିଲ୍ଡିଂର କୌଣସି କ୍ଷତି ହେବାର ସମ୍ଭାବନା ନ ହୋଇପାରେ?**

ଉ. ନିଆଁ ଏବଂ ଅନ୍ୟ ବିପଦରେ (ସାଧାରଣତ ଫାୟାର ଇନସୁରାନ୍ସ ପଲିସୀ ଅନ୍ତର୍ଗତ) ବିଲ୍ଡିଂକୁ କ୍ଷତି ପହଞ୍ଚିପାରେ, ନିଆଁ ଦ୍ୱାରା ଏପରି ଦୁର୍ଘଟଣା ହୋଇଛି ଯେଉଁଥିରେ ବହୁ ମହଲା ବିଶିଷ୍ଟ ବିଲ୍ଡିଂ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି, ବନ୍ୟା ଦ୍ୱାରା ମଧ୍ୟ ବିନାଶକାରୀ କ୍ଷତି ହୋଇପାରେ। ସେହିପରି ଦଙ୍ଗା, ଆତଙ୍କ କାର୍ଯ୍ୟ ଦ୍ୱାରା ମଧ୍ୟ ମାନବ ଜୀବନ ତଥା ସମ୍ପତ୍ତିକୁ ଅତିରିକ୍ତ କ୍ଷତି ପହଞ୍ଚାଇପାରେ।

ପ୍ର. **କଣ ମୁଁ ଅବଧି ମଝିରେ ପଲିସୀ ରଦ୍ଦ କରିପାରିବି? କଣ ମୋତେ ପ୍ରିମିୟମ ଫେରସ୍ତ ମିଳିବ?**

ଉ. ହଁ।

**ବୀମିତର ବିକଳ୍ପ ଉପରେ:** ଅଳ୍ପ ଅବଧି ପରିମାପ ଉପରେ ପ୍ରିମିୟମ ସଞ୍ଚୟ ଏବଂ କୌଣସି ଶେଷ ରାଶି ଯଦି ଥାଏ ଫେରସ୍ତ କରାଯାଏ।

**ବୀମାକର୍ତ୍ତାଙ୍କୁ ବିକଳ୍ପ ଉପରେ:** ପ୍ରିମିୟମର ଆନୁପାତିକ ଫେରସ୍ତ ଦିଆଯାଏ।

ପ୍ର. **ହାନି ମାମଲାରେ, ବୀମିତର ବାଧ୍ୟତା କଣ ଅଟେ?**

ଉ. ପ୍ରତି ବୀମିତ ଏପରି ବ୍ୟବହାର କରିବା ଉଚିତ୍ ଯେପରି ସେମାନେ ବୀମିତ ନୁହଁନ୍ତି। ହାନିର ନିୟନ୍ତ୍ରଣ/ବୃଦ୍ଧିକୁ ରକ୍ଷା କରିବା ପାଇଁ ସମସ୍ତ ସାବଧାନତା ଅବଲମ୍ବନ କରନ୍ତୁ। ବୀମା କମ୍ପାନୀଙ୍କୁ ସୂଚୀତ କରନ୍ତୁ ଯାହାଦ୍ୱାରା ନଷ୍ଟର ନିରୀକ୍ଷଣ କରାଯାଇ ପାରିବ। ଫାୟାର ବ୍ରିଗେଡଙ୍କୁ ଯେ ନିଆଁ ଲିଭାଇବାରେ ସାହାଯ୍ୟ କରିବେ। ନିଆଁ ଲିଭାଇବା ସମୟରେ



ପାଣି କାରଣରୁ ଅନ୍ୟ ବୀମିତ ସମ୍ପତ୍ତି କ୍ଷତିର ଭରଣା ବୀମିତ କମ୍ପାନୀ ଦ୍ୱାରା କରାଯିବା ସର୍ବେକ୍ଷକଙ୍କୁ ନିରୀକ୍ଷଣ କରବା ଏବଂ ହାନିର ଆକଳନ କରିବାରେ ସାହାଯ୍ୟ କରନ୍ତୁ। ଯଦି ସର୍ବେକ୍ଷକଙ୍କ ଆଗମନ ବିଳମ୍ବରେ ହେବାର ସମ୍ଭାବନା ରହିଛି ତେବେ ଫଟୋ ଉଠାନ୍ତୁ ଏବଂ ଅପ୍ରଭାବିତ ସମ୍ପତ୍ତିକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ। ନିଜର ଦାବିର ସମର୍ଥନରେ ବୀମାକର୍ତ୍ତା ଦ୍ୱାରା ଆବଶ୍ୟକ ଦସ୍ତାବିଜ୍ ଏବଂ ପୂରଣ କରାଯାଇଥିବା ଦାବି ଫର୍ମ ଦିଅନ୍ତୁ। ମରାମତି/ବଦଳ କରିବା ପରେ ବୀମାକର୍ତ୍ତାଙ୍କ ନିକଟରେ ବିଲ୍ ଜମା କରନ୍ତୁ।

ପ୍ର. **ଯଦି ମୁଁ ଉଚ୍ଚ ମୂଲ୍ୟରେ ବୀମା କରୁଛି ତେବେ କଣ ମୋତେ ଉଚ୍ଚତର ଦାବି ରାଶି ମିଳିବ?**

ଉ. ନା। ଯେତେବେଳେ ଆପଣ ଫାୟାର ଇନସୁରାନ୍ସ ପଲିସୀ ପାଇଁ ଆବେଦନ କରୁଛନ୍ତି ତେବେ ସମ୍ପତ୍ତିର ମହଜୁତ୍ ବଜାର ମୂଲ୍ୟ ଉପରେ ବା ସମ୍ପତ୍ତି ପୁନଃ ସ୍ଥାପନା ମୂଲ୍ୟକୁ ବୀମିତ ରାଶିର ଆଧାର ଉପରେ ବୀମିତ କରାଯାଉଥିବା ସଠିକ୍ ରାଶିରେ ପହଞ୍ଚିବା ପାଇଁ ଠିକ୍ ରୂପେ ଗଣାଯିବା ଉଚିତ୍। କଭର କରାଯାଇଥିବା ହାନି ବା ନଷ୍ଟ ହେବା ଉପରେ ଦେୟ କ୍ଷତିପୂରଣ ଏହା ଉପରେ ନିର୍ଭର କରିବ କି କଣ ସମ୍ପତ୍ତି ଉଚିତ୍ ରୂପେ ବୀମିତ କରାଯାଇଛି ବା ନାହିଁ। ଯଦି ବୀମିତ ରାଶି ଅତ୍ୟଧିକ ଅଟେ ତେବେ ଏଥିପାଇଁ ଅନାବଶ୍ୟକ ଅଧିକ ପ୍ରିମିୟମ ଦେୟ କରାଯାଇଛି। ଯଦି ବୀମିତ ରାଶି ଅପର୍ଯ୍ୟାପ୍ତ ଅଟେ ତେବେ ଆପଣଙ୍କୁ କେବଳ ବଜାର ମୂଲ୍ୟ ଅନୁପାତରେ ରାଶି ମିଳିବ।

ପ୍ର. **କଣ ଆଭୂଷଣ, ଗହଣା ଏବଂ କଳାକୃତି ପରି ବସ୍ତୁ ସାଧାରଣ ଫାୟାର ଇନସୁରାନ୍ସ ବୀମା ପଲିସୀ ଦ୍ୱାରା କଭର କରାଯାଇ ପାରେ?**

ଉ. ଯେପର୍ଯ୍ୟନ୍ତ ବୀମାକର୍ତ୍ତା ଦ୍ୱାରା ପୂର୍ବ ସହମତି ଦିଆଯାଇ ନଥାଏ ସେ ପର୍ଯ୍ୟନ୍ତ ସାଧାରଣ ଫାୟାର ଇନସୁରାନ୍ସ ପଲିସୀ ଆଭୂଷଣ, ଗହଣା, କଳାକୃତି, ସ୍କ୍ରିପ୍ଟ, ଦସ୍ତାବିଜ୍ ସୂଚନା, କମ୍ପ୍ୟୁଟର ସିଷ୍ଟମ୍ ସୂଚନା, ଶେୟାର ଓ ଷ୍ଟକ୍ସ ନଗଦ ପରି ବସ୍ତୁ କଭର କରାଯାଏ ନାହିଁ ଏହାକୁ ବିଶେଷ ନିବେଦନ ଉପରେ କଭର କରାଯାଇପାରେ। ଏବଂ ଯାହା ଯେପରି ଆବଶ୍ୟକ ମୂଲ୍ୟାଙ୍କନ ଅଧୀନ ହୋଇଥାଏ।

ପ୍ର. **ମୁଁ ମୋର ବିଲ୍ଡିଂକୁ କଭର କରୁଥିବା ବୀମା ପଲିସୀ ନେଇଛି। ମୋର ବ୍ୟବସାୟର ବିତ୍ତ ପୋଷଣ (ଫାଇନାନ୍ସ) କରୁଥିବା ମୋର ବ୍ୟାଙ୍କ୍ ମଧ୍ୟ ଅଲଗା ବୀମା ନେଇଛି। ଗୋଟିଏ ସମ୍ପତ୍ତିକୁ କଭର କରୁଥିବା ଦୁଇଟି ପଲିସୀ ଲାଗୁ ଅଟେ। ଦାବି ସ୍ଥିତିରେ କଣ ହୋଇଥାଏ?**

ଉ. ଦାବି ସ୍ଥିତିରେ ସବୁ ବୀମାକର୍ତ୍ତା ନିଜର ସମ୍ବନ୍ଧିତ ପଲିସୀ ଅନ୍ତର୍ଗତ ବୀମିତ ରାଶି ଅନୁପାତରେ ହାନି ରାଶି ଦେୟ କରିବ, ଯାହା ଅଂଶଦାନର ସିଦ୍ଧାନ୍ତ ଅନୁସାରେ ହେବ। କ୍ଷତିପୂରଣ ସିଦ୍ଧାନ୍ତର ଉଦ୍ଦେଶ୍ୟ ବୀମାକୁ ସେହି ସ୍ଥିତିରେ ରଖିବା ଯେପରି ଏହା ଘଟଣା ଘଟିବାର ପୂର୍ବରେ ଥିଲା। ବୀମିତକୁ ପ୍ରତି ପଲିସୀ ଅନ୍ତର୍ଗତ ହାନିର ସମ୍ପୂର୍ଣ୍ଣ ରାଶି ପାଇଁ ଦାବି କରିବାରୁ ରୋକାଯାଇ ଥାଏ। ବୀମା କମ୍ପାନୀ ବୀମିତକୁ କେବଳ ବାସ୍ତବିକ ହାନିର ସୀମା ପର୍ଯ୍ୟନ୍ତ କ୍ଷତିପୂରଣ ଦେଇଥାଏ ଯାହା



ମୂଲ୍ୟହ୍ରାସ ପଲିସୀ ଏକ୍ସେସ୍ ଇତ୍ୟାଦିର ଅଧୀନ ଅଟେ ଏବଂ ହାନିରୁ ଲାଭ କରିବାର ଅନୁମତି ଦେଇ ନ ଥାଏ।

ପ୍ର. **ସାଲଭେଜ୍ (ରକ୍ଷା) ର କଣ ଔଚିତ୍ୟ ରହିଛି?**

ଉ. ବିଭିନ୍ନ ପ୍ରକାର ବୀମା ପଲିସୀ ଅନ୍ତର୍ଗତ ଦାବି ଘଟଣାରେ ଆଂଶିକ କ୍ଷତିଗ୍ରସ୍ତ ମାଲ ବା କାର ବା କୌଣସି ମେସିନାରୀ ବା କୌଣସି ଅନ୍ୟ ସମ୍ପତ୍ତିର ସେଟଲ୍ ମୋଟ୍ ହାନିର ଆଧାର (ଟୋଟଲ୍ ଲସ୍ ବେସିସ୍) ଉପରେ ପୂରଣ କରାଯାଇଥାଏ ତାହାକୁ ସାଲଭେଜ୍ କୁହାଯାଏ। ପୂର୍ଣ୍ଣ ରାଶି ପାଇଁ ଦାବି ପୂରଣ ପରେ ସାଲଭେଜ୍ ବୀମା କମ୍ପାନୀର ସମ୍ପତ୍ତି ହୋଇଯାଇ ଥାଏ। ସାଧାରଣତଃ ସାଲଭେଜ୍ ପୂରଣ କାର୍ଯ୍ୟ ବୀମା କମ୍ପାନୀ ସର୍ବେକ୍ଷକଙ୍କୁ ଅର୍ପଣ କରନ୍ତି ଯିଏ ହାନିର ଆକଳନ କରିଥାନ୍ତି, ଯାହା ସାଲଭେଜ୍ ପୂରଣ ପ୍ରିକ୍ରିୟା ନିରୀକ୍ଷଣ ଅଧୀନ ଅଟେ। ସାଲଭେଜ୍ ପୂରଣ ଜରିଆରେ ପ୍ରାପ୍ତ ରାଶିକୁ ବୀମାକର୍ତ୍ତାଙ୍କ ନିଜ ଦ୍ୱାରା କରାଯାଇଥିବା ହାନି ଦେୟ ନିର୍ଦ୍ଧାରିତ ହେବ।

ପ୍ର. **ମୁଁ ମୋର ମାଲ୍‌କୁ ଯାତ୍ରା ରିସ୍କ ପ୍ରତି କଭର କରିବାକୁ ଚାହୁଁଛି। ମୁଁ କେଉଁ ପଲିସୀ ନେବା ଉଚିତ୍?**

ଉ. ମରୀନ କାର୍ଗୋ ପଲିସୀ ଯାତ୍ରା ରିସ୍କ ପ୍ରତି ମାଲ ପାଇଁ କଭର ଦେଇଥାଏ। ଉଦାହରଣସ୍ୱରୂପଃ ଯଦି ଆପଣ ଆପଣଙ୍କ ଘରର ଜିନିଷ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇ ଯାଉଛନ୍ତି ତେବେ ଆପଣ ଏହି ପଲିସୀ ନେଇ ପାରିବେ। ଆପଣ ବେସିକ୍ କଭର ବା ସମସ୍ତ ରିସ୍କ ଚୟନ

କରିପାରନ୍ତି। ଦୟାକରି ପଲିସୀ ନିୟମ ଓ ସର୍ତ୍ତକୁ ପଢି ବୁଝନ୍ତୁ କି କଣ ଆପଣ କ୍ରୟ କରୁଛନ୍ତି।

ପ୍ର. **ମରୀନ କାର୍ଗୋ ବୀମାର ପ୍ରବନ୍ଧ କାହାଦ୍ୱାରା କରାଯାଇଥାଏ - କ୍ରେତା ବା ବିକ୍ରେତାଙ୍କୁ? ନା ଉଭୟ କିଛି ସୁରକ୍ଷାର ଆବଶ୍ୟକତା ହୋଇଥାଏ?**

ଉ. ଏହି ଦୁଇ ଜଣଙ୍କ ମଧ୍ୟରେ ହୋଇଥିବା ବିକ୍ରି ଅନୁବନ୍ଧ ଉପରେ ନିର୍ଭର କରିଥାଏ। ସମସ୍ତ ବିକ୍ରି ଯେପରି ଫ୍ରି ଅନ୍ ବୋର୍ଡ (ଏଫ୍‌ଓବି), କଷ୍ଟ୍ ଏଣ୍ଡ୍ ଫ୍ରେଟ୍ (ସିଏଣ୍ଡ୍‌ଏଫ୍), କଷ୍ଟ୍ ଇନସୁରାନ୍‌ସ ଏଣ୍ଡ୍ ଫ୍ରେଟ୍ (ସିଆଇଏଫ୍) ଇତ୍ୟାଦି ପାଇଁ ବୀମା ପ୍ରବନ୍ଧନ କରିବାର ଦାୟୀତ୍ୱ ଭିନ୍ନ-ଭିନ୍ନ ହୋଇଥାଏ।

ପ୍ର. **ମୋତେ ମୋର ଆଭୂଷଣ କଭର କରିବାର ଆବଶ୍ୟକତା ରହିଛି। ମୋତେ କେଉଁ ପଲିସୀ ନେବା ଉଚିତ୍?**

ଉ. ବୀମାକର୍ତ୍ତା ଆଭୂଷଣକୁ କଭର କରିବା ପାଇଁ ସମସ୍ତ ରିସ୍କ ପଲିସୀ ଦେଇଥାନ୍ତି। ଆପଣଙ୍କୁ ଅବଶ୍ୟ ସୁନିଶ୍ଚିତ କରିବା ଉଚିତ୍ କି ମୂଲ୍ୟାଙ୍କନ ସଠିକ୍ କରାଯାଇଛି ଏବଂ ଆପଣ ଦାବିରୁ ପୂରଣ ଉପରେ ମୂଲ୍ୟାଙ୍କନର ପ୍ରମାଣ ଦେଖାଇବାରେ ସକ୍ଷମ ଅଟନ୍ତି। ସମସ୍ତ ରିସ୍କରେ ଅପବର୍ଜନ ବି ରହିଛି, ଏଥିପାଇଁ ନିୟମ ଏବଂ ସର୍ତ୍ତ ଠିକ୍ ରୂପେ ପଢନ୍ତୁ।

ପ୍ର. **ଯେତେବେଳେ ମୁଁ ଘରଠାରୁ ଦୂରରେ ରହୁଛି ମୋର ଘରର ଜିନିଷ**



**ଲୁଟ୍ ପ୍ରତି କଭର କରିବାକୁ ଚାହୁଁଛି। ମୋତେ କେଉଁ ପଲିସୀ ନେବା ଉଚିତ୍? କଣ ମୋତେ ଲୁଟ୍ ବୀମା ପଲିସୀ ମିଳି ପାରିବ?**

ଉ. ଲୁଟ୍ (ବର୍ଗଲାରୀ) ବୀମା ପଲିସୀ ଜିନିଷକୁ ଲୁଟ୍ ରିସ୍କ ପ୍ରତି କଭର କରିଥାଏ। ଲୁଟ୍ ବୀମା ପଲିସୀ ଚୋରୀ ପ୍ରତି ବିସ୍ତାରିତ କଭର ମଧ୍ୟ ପ୍ରଦାନ କରିଥାଏ। ଯଦି ଆପଣ ଏକ ନିଶ୍ଚିତ ବର୍ଣ୍ଣିତ ଅବଧି ମଧ୍ୟରେ ଘରେ ନାହାନ୍ତି ତେବେ ଲୁଟ୍ ବୀମା ପଲିସୀ ସାଧାରଣତଃ ସମାପ୍ତ ହୋଇଯିବ ଯେପର୍ଯ୍ୟନ୍ତ ଆପଣ ବୀମା କମ୍ପାନୀକୁ ସୂଚୀତ ନ କରିଛନ୍ତି ଏବଂ ସେ ଘରେ ଆପଣଙ୍କ ଅନୁପସ୍ଥିତି ହେବା ଉପରେ ମଧ୍ୟ କଭରକୁ ବିସ୍ତାରିତ କରିବା ପାଇଁ ସହମତ ଅଟନ୍ତି। ଏହା ସୁନିଶ୍ଚିତ କରିବାର ବିଚାର ଉତ୍ତମ ଅଟେ କି ଆପଣଙ୍କ ପାଖରେ ଦୂରରେ ରହିବା ଉପରେ ଏକମାତ୍ର ପଲିସୀ ବ୍ୟତୀତ ସର୍ବଦା ଲୁଟ୍ ପଲିସୀ ରହିଛି। ଯଦି ଆପଣ ଘରେ ତାଲା ବନ୍ଦ ରହିବା ଉପରେ ଜିନିଷପତ୍ରକୁ ବୀମିତ କରିବାକୁ ଚାହାନ୍ତି ତେବେ ହୋଇପାରେ ଆପଣଙ୍କୁ ପଲିସୀ ନ ମିଳି ପାରେ।

## ଆଇଆର୍‌ଡିଏ ଦ୍ୱାରା ନିର୍ଦ୍ଧାରିତ ପଲିସୀଧାରକ ସର୍ଭିସିଂ ଟର୍ନ ଏରାଉଣ୍ଡ ଟାଇମ୍ (ଟିଏମ୍‌ଟି)

| ସେବା | ଅଧିକତମ ଟର୍ନ ଏରାଉଣ୍ଡ ଟାଇମ୍ (ଟିଏଟି) |
|---|---|
| **ସାଧାରଣ** | |
| ପ୍ରସ୍ତାବ ପ୍ରକ୍ରିୟା ଏବଂ ଫଳାପଳ ସୂଚନା ଦେବା ଯେଉଁଥିରେ ସାମିଲ ପଲିସୀର ଆବଶ୍ୟକତା/ଜାରୀ କରିବା/ରଦ୍ଦ | 15 ଦିନ |
| ପ୍ରସ୍ତାବ କପି ପ୍ରାପ୍ତ କରିବା | 30 ଦିନ |
| ପଲିସୀ ଜାରୀ କରିବା ପରେ ସେବା ନିବେଦନ ଯେଉଁ ତ୍ରୁଟି/ ପ୍ରସ୍ତାବ ଡିପଜିଟ୍ ପ୍ରତ୍ୟର୍ପଣ ଅଣ-ଦାବି ସମ୍ବନ୍ଧୀୟ ସେବା ନବେଦନ ସମ୍ବନ୍ଧିତ ଅଟେ। | 10 ଦିନ |
| **ଜୀବନ ବୀମା** | |
| ସମର୍ପଣ ମୂଲ୍ୟ ଆନ୍ୟୁଟି / ପେନସନ୍ ପ୍ରକ୍ରିୟା | 10 ଦିନ |
| ପରିପକ୍ୱତା ଦାବି / ସର୍ଭାଇଭାଲ ଲାଭ / ଦଣ୍ଡସ୍ୱରୂପ ସୁଧ ଦେୟ | 15 ଦିନ |
| ଦାବି ଉପସ୍ଥାପନ ପରେ ଦାବି ଆବଶ୍ୟକତା ସୂଚୀତ କରିବା | 15 ଦିନ |
| ଯାଞ୍ଚ ଆବଶ୍ୟକତା ବିନା ମୃତ୍ୟୁ ଦାବି ବନ୍ଦୋବସ୍ତ | 30 ଦିନ |
| ଯାଞ୍ଚ ଆବଶ୍ୟକତା ସହିତ ମୃତ୍ୟୁ ଦାବି ବନ୍ଦୋବସ୍ତ/ରଦ୍ଦ | 6 ମାସ |
| **ସାଧାରଣ ବୀମା** | |
| ସର୍ବେକ୍ଷଣ ରିପୋର୍ଟ ଜମା କରିବା | 30 ଦିନ |
| ବୀମାକର୍ତ୍ତା ଦ୍ୱାରା ପୂରକ ରିପୋର୍ଟ ମାଗିବା | 15 ଦିନ |
| ପ୍ରଥମ/ପୂରକ ସର୍ବେକ୍ଷଣ ରିପୋର୍ଟ ମଳିବା ପରେ ବନ୍ଦୋବସ୍ତ/ ଅସ୍ୱୀକୃତି | 30 ଦିନ |
| **ଅଭିଯୋଗ** | |
| ଅଭିଯୋଗ ପ୍ରାପ୍ତିସ୍ୱୀକାର | 3 ଦିନ |
| ଅଭିଯୋଗ ସମାଧାନ | 15 ଦିନ |



## 5. ଯଦି ଆପଣଙ୍କର କୌଣସି ଅଭିଯୋଗ ରହିଛି

ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆର୍‌ଡିଏ) ଙ୍କ ଉପଭୋକ୍ତା ମାମଲା ବିଭାଗ ଇଣ୍ଟିଗ୍ରେଟେଡ ଗ୍ରୀଏଭାନ୍‌ସ ମ୍ୟାନେଜମେଣ୍ଟ ସିଷ୍ଟମ୍ (ଆଇଜିଏମ୍‌ଏସ୍) ଆରମ୍ଭ କରିଛି ଯାହା ଅଭିଯୋଗ ପଞ୍ଜିକରଣ ଏବଂ ନିରୀକ୍ଷଣ ପାଇଁ ଏକ ଅନଲାଇନ୍ ବ୍ୟବସ୍ଥା ଅଟେ। ଆପଣଙ୍କୁ ସର୍ବପ୍ରଥମେ ଆପଣଙ୍କ ବୀମା କମ୍ପାନୀରେ ଅଭିଯୋଗ ଦାଖଲ କରବା ଉଚିତ୍ ଏବଂ ଯଦି ଆପଣ କମ୍ପାନୀ ଦ୍ୱାରା ଏହାର ବନ୍ଦୋବସ୍ତରେ ସନ୍ତୁଷ୍ଟ ନୁହଁନ୍ତି ତେବେ ଆପଣ www.igms.irda.gov.in କୁ ଯାଇ ଆଇଏମ୍‌ଏସ୍ ଜରିଆରେ ଏହାକୁ ଆଇଆର୍‌ଡିଏ ପାଖକୁ ପଠାଇ ପାରିବେ। ଯଦି ଆପଣ ବୀମାକର୍ତ୍ତାଙ୍କ ଅଭିଯୋଗ ପ୍ରଣାଳୀ ପର୍ଯ୍ୟନ୍ତ ସିଧା ପହଞ୍ଚି ପାରୁନାହାନ୍ତି ତେବେ ଆଇଜିଏମ୍‌ଏସ୍ ବୀମାକର୍ତ୍ତା ନିକଟରେ ଆପଣଙ୍କ ଅଭିଯୋଗ ଦାଖଲ ପାଇଁ ଆପଣଙ୍କ ଏକ ମାର୍ଗ ମଧ୍ୟ ପ୍ରଦାନ କରିଥାଏ।

ଆଇଜିଏମ୍‌ଏସ୍ (ଅର୍ଥାତ୍ ୱେବ୍) ଜରିଆରେ ଆପଣଙ୍କ ଅଭିଯୋଗକୁ ପଞ୍ଜିକୃତ କରିବା ବ୍ୟତୀତ ଆପଣଙ୍କ ନିକଟରେ ଅଭିଯୋଗ ପଞ୍ଜିକରଣ ପାଇଁ ଅନେକ ମାଧ୍ୟମ ରହିଛି ଇ-ମେଲ୍ (complaints@irda.gov.in) ଜରିଆରେ, ପତ୍ର (ଆପଣଙ୍କ ପତ୍ର ଗ୍ରାହକ ମାମଲା ବିଭାଗ, ବୀମା ବିନିୟାମକ ଏବଂ ବିକାଶ ପ୍ରାଧିକରଣ, ତୃତୀୟ ମହଲା, ପରିଶ୍ରମ ଭବନ, ବଶୀର ବାଗ, ହାଇଦ୍ରାବାଦ: କୁ ସମ୍ବୋଧିତ କରନ୍ତୁ) ଜରିଆରେ, ବା ଆଇଆର୍‌ଡିଏ କଲ ସେଣ୍ଟରକୁ ଟୋଲ୍ **ଫ୍ରୀ ନଂ. 155255 ରେ କଲ୍** କରନ୍ତୁ ଯାହା ମାଧ୍ୟମରେ ଆଇଆର୍‌ଡିଏ ବୀମା କମ୍ପାନୀ ବିରୋଧରେ ଆପଣଙ୍କ ଅଭିଯୋଗ ନିଃଶୁଳ୍କ ଦାଖଲ ହେବ ଏବଂ ଏଥି ସହିତ ତାହାର ସ୍ଥିତି ଉପରେ ନଜର ରଖିବାରେ ସାହାଯ୍ୟ କରିବା କଲ୍ ସେଣ୍ଟର ଆଧାର ଉପରେ ଅଭିଯୋଗ ଫର୍ମ ଭରି କଲ୍ ସେଣ୍ଟର ଆପଣଙ୍କ ସହାୟତା କରିଥାଏ ତଥା

ଯେଉଁଠି ବି ଆବଶ୍ୟକତା ହୋଇଥାଏ ଏହା ସିଧା ବୀମା କମ୍ପାନୀ ବିରୋଧରେ ଅଭିଯୋଗ ଦାଖଲ କରିବାରେ ସହାୟକ ହୋଇଥାଏ। ଏବଂ ବୀମା କମ୍ପାନୀଙ୍କ ଠିକଣା, ଫୋନ୍ ନମ୍ବର, ୱେବସାଇଟ୍ ବିବରଣ, ସମ୍ପର୍କ କ୍ରମାଙ୍କ, ଇମେଲ୍ ଆଇଡି ଇତ୍ୟାଦି ସମ୍ବନ୍ଧିତ ସୂଚନା ଆପଣଙ୍କୁ ଦେଇଥାଏ। ଆଇଆର୍‌ଡିଏ କଲ୍ ସେଣ୍ଟର ଭାବି ଗ୍ରାହକ ଏବଂ ପଲିସୀଧାରକ ପାଇଁ ବ୍ୟାପକ ଟେଲି-କାର୍ଯ୍ୟକ୍ଷମତା ସହିତ ଏକ ଅସଲି ବୈକଳ୍ପିକ ମଧ୍ୟମ ପ୍ରଦାନ କରିଥାଏ, ଏବଂ ସୋମବାରରୁ ଶୁକ୍ରବାର, ସକାଳ ୫ ରୁ ରାତି ୫ ବାଜିବା ପର୍ଯ୍ୟନ୍ତ 12 ଘଣ୍ଟାX6 ଦିନ ପର୍ଯ୍ୟନ୍ତ ହିନ୍ଦୀ, ଇଂରାଜୀ ଏବଂ ବିଭିନ୍ନ ଭାରତୀୟ ଭାଷାରେ କାର୍ଯ୍ୟରତ ରହିଥାଏ।

ଏବେ ଆଇଆର୍‌ଡିଏ ନିକଟରେ କୌଣସି ଅଭିଯୋଗ ଦାଖଲ କଲେ ସେ ତାହାକୁ ବୀମା କମ୍ପାନୀ ନିକଟକୁ ପଠାଇ ସମାଧାନ କରାଉଛି। କମ୍ପାନୀ ଅଭିଯୋଗ ସମାଧାନ କରିବା ପାଇଁ 15 ଦିନ ଦିଆଯାଏ। ଯଦି ଆବଶ୍ୟକ ପଡେ, ଆଇଆର୍‌ଡିଏ ଯାଞ୍ଚ ଏବଂ ଅନୁସନ୍ଧାନ କରିଥାଏ। ଏହା ବ୍ୟତୀତ ଯେଉଁଠାରେ ବି ଲାଗୁ ହେଉ, ଆଇଆର୍‌ଡିଏ ରିଡ୍ରେସଲ ଅଫ୍ ପବ୍ଲିକ୍ ଗ୍ରୀଏଭାନ୍ସ ରୂଲ୍ସ, ୧୯୯୮ ର ସର୍ତ୍ତାନୁସାରେ ଇନ୍ସୁରାନ୍ସ ଆମ୍ବୁଡ୍‌ସମ୍ୟାନ୍‌ଙ୍କୁ ସମ୍ପର୍କ କରିବାର ପରାମର୍ଶ ଅଭିଯୋଗକାରୀଙ୍କୁ ଦେଇଥାଏ।



ଅସ୍ୱୀକୃତି:

ଏହି ପୁସ୍ତିକା ଆପଣଙ୍କୁ କେବଳ ସାଧାରଣ ସୂଚନା ପ୍ରଦାନ କରିବା ପାଇଁ ଅଟେ ଏବଂ ପରିପୂର୍ଣ୍ଣ ନୁହେଁ। ଏହା ଏକ ଶିକ୍ଷା ଉପକ୍ରମ ଅଟେ ଏବଂ ଆପଣଙ୍କୁ କୌଣସି ଆଇନଗତ ପରାମର୍ଶ ଦିଏ ନାହିଁ।